# 108

**II**

Total No. of Questions – 16
Total No. of Printed Pages – 4

Regd. No. | | | | | | | | | | |

## Part – II
## ODIA, Paper-I
### (Second Language)

Time : 3 Hours] Max. Marks : 100

---

**ନିର୍ଦ୍ଦେଶ :** ପ୍ରତ୍ୟେକ ପ୍ରଶ୍ନର ଉତ୍ତର କ୍ରମାନ୍ୱୟ ଭାବରେ ଲେଖିବା ଉଚିତ । ଅନ୍ୟଥା ଉପଯୁକ୍ତ ନମ୍ବର ପାଇବାରୁ ବଞ୍ଚିତ ହେବେ ।

1. ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ । **1 × 10 = 10**

   (କ) ସାରଳା ଦାସଙ୍କ ଏକ ମୌଳିକ ସୃଷ୍ଟି ଭାବରେ "ସତ୍ୟଆତ୍ମକଥା" କବିତାର ମହତ୍ତ୍ୱ ଉପସ୍ଥାପନ କର ।

   (ଖ) "ସରସୀରେ ରାଜକନ୍ୟା" କବିତାରେ ଲାବଣ୍ୟବତୀର ସରୋବର ସ୍ନାନ ଦୃଶ୍ୟ ବର୍ଣ୍ଣନା କର ।

2. ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ । **1 × 10 = 10**

   (କ) ଅସୁରଦୀଘିକୁ ନେଇ ବହୁଲୋକକଥା ଓ କିମ୍ବଦନ୍ତୀ କିପରି ସୃଷ୍ଟି ହୋଇଛି ଆଲୋଚନା କର ।

   (ଖ) ବିଦ୍ୟାଚର୍ଚ୍ଚା, ଗବେଷଣା ଓ ଅଧ୍ୟୟନର ତ୍ରିବେଣୀ ସଙ୍ଗମ ଆମେରିକାର ବିଶ୍ୱବିଦ୍ୟାଳୟମାନଙ୍କରେ ପରିଲକ୍ଷିତ ହୁଏ — ଏ ଉକ୍ତିର ଆଲୋଚନା କର ।

3. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏର** ସରଳାର୍ଥ ଲେଖ । **1 × 5 = 5**

   (କ) ହସ୍ତ ବଢ଼ାଇ ଗୋପୀନାଥେ
   ଖୁଆ ଧରିଲେ ବାମ ହସ୍ତେ ।

   (ଖ) ଶ୍ରୀଗୁରୁ ପୟରେ କୋଟି ନମସ୍କାର ମୂର୍ଚ୍ଛି ନ ପାରଇ ଦଣ୍ଡେ ।
   ପାଖରୁ ଅନ୍ତର ହେଲେ ସତ୍ୟ ବ୍ରହ୍ମ ବଜ୍ର ପଡୁଥାଇ ମୁଣ୍ଡେ ।

4. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏର** ସରଳାର୍ଥ ଲେଖ । $1 \times 5 = 5$

(କ) ଏଣୁ ପ୍ରାଚୀନ ଓଡ଼ିଶାର ସମୃଦ୍ଧିର କାରଣ ହୋଇଥିଲା ତାହାର ବାଣିଜ୍ୟ ଓ ବିଜିତ ରାଜ୍ୟ ।

(ଖ) ଏଣୁ ଜିନ୍ ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ପୂରାମାତ୍ରାରେ ଦାୟୀ ।

5. ଯେକୌଣସି **ଚାରୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । $4 \times 2 = 8$

(କ) ଲାବଣ୍ୟ ବତୀର କେଶଦର୍ଶନ କରି କାହାର କି ଅବସ୍ଥା ହେଲା ?

(ଖ) ଯାହାର ନାହିଁ ଆଦିଅନ୍ତ – ପ୍ରସଙ୍ଗ ସହବ୍ୟାଖ୍ୟା କର ?

(ଗ) ରାଧାଙ୍କ ବିବେକକୁ କିଏ କାହିଁକି ଘଉଡ଼ାଇ ଦେଲା ?

(ଘ) ଭୀମଭୋଇ ବଣରେ ବୁଲୁଥିବା ବେଳେ ଆକାଶକୁ ଚାହିଁ କ'ଣ ଭାବୁଥିଲେ ?

(ଙ) ଅକ୍ଷୟ ଦ୍ରୋଣ ମାନେ କ'ଣ ? ଏହା କିଏ, କାହାକୁ ପ୍ରଦାନ କରିଥିଲେ ?

6. ଯେକୌଣସି **ଚାରୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । $4 \times 2 = 8$

(କ) କେଉଁମାନେ ଅସୁରଦୀଘିରେ ବାସ କରିଥାନ୍ତି ?

(ଖ) ଜେମ୍ସଙ୍କ ମତରେ ଶିକ୍ଷାର ଲକ୍ଷ୍ୟ ଓ ସଫଳତା କେଉଁଥିରେ ନିହିତ ?

(ଗ) କ'ଣ କଲେ ଓଡ଼ିଶା ଶକ୍ତିଶାଳୀ ଓ ଧନଶାଳୀ ରାଜ୍ୟରେ ପରିଣତ ହୋଇ ପାରିବ ?

(ଘ) ପିତାମାତାଙ୍କ ବଂଶାନୁକ୍ରମିକ ରୋଗ କିପରି ସନ୍ତାନ ସନ୍ତତିଙ୍କଠାରେ ଦେଖାଯାଏ ?

(ଙ) କେଉଁଠି ଏବଂ କେଉଁ ମସିହାରେ ସ୍ୱବିଗ୍ରହର ସମୁନ୍ନତ ପ୍ରତିମା ସ୍ଥାପନ କରାଯାଇଛି ?

7. ନିମ୍ନ ଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର **ଗୋଟିଏ** ବାକ୍ୟରେ ପ୍ରଦାନ କର । $5 \times 1 = 5$

(କ) ତୁମ ପଠିତ କବିତାରେ 'ଯେକାଦଶ ରୁଦ୍ର' କାହାକୁ କୁହାଯାଇଛି ?

(ଖ) "ସତ୍ୟରେ ମରିବି ସତ୍ୟରେ ତରିବି" କବିତାର କବି ?

(ଗ) ରାଧା କେଉଁ ସଖୀ ନିକଟରେ ନିଜର ମନୋବେଦନା ବ୍ୟକ୍ତ କରିଥିଲେ ?

(ଘ) ତୁମ ପଠିତ କେଉଁ କବି "କବି ସମ୍ରାଟ" ରୂପେ ପରିଚିତ ?

(ଙ) "ଦେବରାଜ" ବୋଲି ତୁମ ପଠିତ କବିତାରେ କାହାକୁ କୁହାଯାଇଛି ?

8. ନିମ୍ନ ଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର **ଗୋଟିଏ** ବାକ୍ୟରେ ପ୍ରଦାନ କର । 5 × 1 = 5

(କ) ମେମ୍ ସାହେବଙ୍କ ଗାଉନ୍ ପରି କିଏ ଡ଼େଣା ଶୁଖାଏ ?

(ଖ) "ଆମେରିକାର ବିଶ୍ୱବିଦ୍ୟାଳୟମାନେ" ପ୍ରବନ୍ଧଟି କେଉଁ ପୁସ୍ତକରୁ ସଂଗୃହୀତ ?

(ଗ) ମାଦଳା ପାଞ୍ଜିରେ କେଉଁ ବିବରଣୀ ରହିଛି ?

(ଘ) "ମୋ ସମୟର ଭାରତ ଓ ଓଡ଼ିଶା" ପ୍ରବନ୍ଧର ପ୍ରାବନ୍ଧିକ ?

(ଙ) ଜୀନୀୟ ତତ୍ତ୍ୱକୁ ଇଂରେଜୀରେ କ'ଣ କହନ୍ତି ?

9. "ଦୂର ପାହାଡ଼" – ଏକାଙ୍କିକାର ନାମକରଣ ସାର୍ଥକତା ପ୍ରତିପାଦନ କର । 1 × 10 = 10

**କିମ୍ବା**

ଏକ ସାର୍ଥକ ବ୍ୟଙ୍ଗାତ୍ମକ ଏକାଙ୍କିକା ଭାବରେ "ମକଦ୍ଦମା" ର ଆଲୋଚନା କର ।

10. ତୁମ ଗ୍ରାମରେ ଓଡ଼ିଆ ପାଠାଗାରଟିଏ ପ୍ରତିଷ୍ଠା କରିବା ପାଇଁ ଅନୁରୋଧ କରି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ । 1 × 5 = 5

**କିମ୍ବା**

ତୁମେ ପରୀକ୍ଷା ପାଇଁ କିପରି ପ୍ରସ୍ତୁତ ହେଉଛ ଜଣାଇ ବାପାଙ୍କ ନିକଟକୁ ପତ୍ର ଲେଖ ।

11. (କ) ରାମକେରୀ କିମ୍ବା ବଙ୍ଗଳାଶ୍ରୀ ଛନ୍ଦର ଲକ୍ଷଣ ଲେଖି ଉଦାହରଣ ଦିଅ । 1 × 4 = 4

(ଖ) ରୂପକ କିମ୍ବା ଉପମା ଅଳଂକାରର ଲକ୍ଷଣ ଲେଖି ଉଦାହରଣ ଦିଅ । 1 × 4 = 4

12. ଯେକୌଣସି ତିନୋଟିର ସନ୍ଧି ବିଚ୍ଛେଦ କର । 3 × 1 = 3

ରାଜେନ୍ଦ୍ରାସନ, ସଦାନନ୍ଦ, ନିଶ୍ଚୟ, ଶଶାଙ୍କ, ଦିଗନ୍ତ

13. ଯେକୌଣସି **ତିନୋଟିର** ବିଗ୍ରହ ବାକ୍ୟ ସହ ସମାସର ନାମ ଲେଖ । 3 × 1 = 3

ରାଜନୀତି, ଅନାବିଳ, ନୀଳାକାଶ, ହରିହର, ବୀଣାପାଣି

14. ଯେକୌଣସି **ତିନୋଟିର** ଲିଙ୍ଗ ବଦଳାଅ । 3 × 1 = 3

ବାଳ, ନାଟକ, ବର, କେଉଟ, ସଙ୍ଗାତ

15. ଯେକୌଣସି **ତିନୋଟିର** ବିପରୀତାର୍ଥ ବୋଧକ ଶବ୍ଦ ଲେଖ । 3 × 1 = 3

ରାଜା, ଦୈର୍ଘ୍ୟ, ଭୀମ, ଗୁରୁ, ଆଶୀର୍ବାଦ

16\. (କ) ଯେକୌଣସି **ଚାରୋଟି** ରୂଢ଼ିର ଅର୍ଥ ଲେଖି ବାକ୍ୟରେ ପ୍ରୟୋଗ କର । $4 \times 1 = 4$

ଅଲଣା କଥା, ଗୋଟିଏ ଚାଉଳରେ ଗଢ଼ା, ବିରାଡ଼ି ବୈଷ୍ଣବ, କୁହୁଡ଼ି ପହଁରିବା, ନାଁ ରଖିବା, ତିନି ପାଞ୍ଜିରୁ ଯିବା

(ଖ) ପ୍ରଦତ୍ତ ଅନୁଚ୍ଛେଦଟିକୁ ପାଠ କରି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ଲେଖ । $1 \times 5 = 5$

ମହର୍ଷି ବାଜଶ୍ରବାଙ୍କର ବିଶ୍ୱଜିତ ଯଜ୍ଞପୀଠରେ ବହୁ ଦୂରଦୂରାନ୍ତରୁ ଆସି ଅତିଥି ଅଭ୍ୟାଗତମାନେ ଉପସ୍ଥିତ ହୋଇ ଅଛନ୍ତି । ଋଷି ପ୍ରଫୁଲ୍ଲ ମନରେ ଗୋଟି ଗୋଟି କରି ନିଜର ସମସ୍ତ ସଂପତ୍ତି ଅପରକୁ ଦାନ କରିବାରେ ଲାଗିଛନ୍ତି । କାରଣ ଏହି ଯଜ୍ଞର ନିୟମ ହେଉଛି ଯେ ଯଜ୍ଞକର୍ତ୍ତା ନିଜର ସର୍ବସ୍ୱ ଦାନ କରିବେ । ଜଣ ଜଣ କରି ଅଭ୍ୟାଗତଙ୍କର ଅର୍ଚ୍ଚନାକରି ଋଷି ନିଜର ଭୂମି, ଧେନୁ, ସୁବର୍ଣ୍ଣ ପ୍ରଭୃତି ସମସ୍ତ ଦାନ କରୁଛନ୍ତି ଏବଂ ଅଭ୍ୟାଗତମାନେ ଋଷିଙ୍କୁ ଯଜ୍ଞଫଳ ଲାଭ କରିବାର ଆଶୀର୍ବାଦ ଦେଇ ନିଜ ନିଜ ସ୍ଥାନକୁ ପ୍ରତ୍ୟାଗମନ କରୁଛନ୍ତି । ଏହି ଲେଖାଟି ପୌରାଣିକ କଥା 'ନଚିକେତା ଉପାଖ୍ୟାନ' ଉପରେ ଆଧାରିତ ।

**ପ୍ରଶ୍ନ :**

(କ) ଏହି ଅନୁଚ୍ଛେଦଟି କେଉଁ ବିଷୟରୁ ଗୃହୀତ ?

(ଖ) ବିଶ୍ୱଜିତ୍ ଯଜ୍ଞର ନିୟମ କ'ଣ ଥିଲା ?

(ଗ) ବିଶ୍ୱଜିତ୍ ଯଜ୍ଞ କିଏ ଅନୁଷ୍ଠିତ କରିଥିଲେ ?

(ଘ) ବିଶ୍ୱଜିତ୍ ଯଜ୍ଞ କାହିଁକି ହୋଇଥିଲା ?

(ଙ) ମହର୍ଷି ବାଜଶ୍ରବା ଅଭ୍ୟାଗତମାନଙ୍କୁ କ'ଣ କ'ଣ ଦାନ କଲେ ?